# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 09 February – 2025

## News Editor – Itishree Singh Rathaur

*************************************

## ମୁଖ୍ୟ ସମ୍ବାଦ

- ‘ପରୀକ୍ଷା ପେ ଚର୍ଚ୍ଚା’ କାର୍ଯ୍ୟକ୍ରମରେ ଆସନ୍ତାକାଲି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ
- ଦେଶକୁ ଆସନ୍ତାବର୍ଷ ମାର୍ଚ୍ଚ ମାସ ସୁଦ୍ଧା ନକ୍ସଲମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି; କହିଲେ, ସ୍ୱରାଷ୍ଟ୍ରମନ୍ତ୍ରୀ
- ରାଜ୍ୟର ପ୍ରତି ପଞ୍ଚାୟତରେ ପ୍ରତିଷ୍ଠା ହେବ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର; ସୂଚନାଦେଲେ ମୁଖ୍ୟମନ୍ତ୍ରୀ

ଏବଂ

- କଟକ ବାରବାଟୀ ଷ୍ଟାଡିୟମ୍‌ରେ ଭାରତ-ଇଂଲଣ୍ଡ ମଧ୍ୟରେ ଜାରି ରହିଛି ଏକଦିବସୀୟ କ୍ରିକେଟ୍ ମ୍ୟାଚ୍

— ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା

# ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ଣ ୧୧ଟା ସମୟରେ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଦେଶବ୍ୟାପୀ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ସହିତ ସିଧାସଳଖ ଆଲୋଚନା କରିବେ। 'ପରୀକ୍ଷା ପେ ଚର୍ଚ୍ଚା-୨୦୨୫' ୮ଟି ପ୍ରସଙ୍ଗ ଉପରେ ପର୍ଯ୍ୟବସିତ। ପ୍ରଧାନମନ୍ତ୍ରୀଙ୍କ ସହ ପ୍ରଥମ ଆଲୋଚନା ଦୂରଦର୍ଶନ, ସ୍ୱୟଂ, ସ୍ୱୟଂପ୍ରଭା, ପିଏମ୍‌ଓ-ୟୁଟ୍ୟୁବ୍ ଚ୍ୟାନେଲ୍, ଶିକ୍ଷା ମନ୍ତ୍ରଣାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସାମାଜିକ ଗଣମାଧ୍ୟମ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ।

ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେବାପାଇଁ ମାନସିକ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ପ୍ରଯୁକ୍ତିବିଦ୍ୟା ତଥା ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ମଧ୍ୟ ଆଲୋଚନା କରିବେ। ଚଳିତବର୍ଷ ପ୍ରତ୍ୟେକ ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳରୁ ୩୬ ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ଭାଗ ନେବାପାଇଁ ଚୟନ କରାଯାଇଛି। 'ପରୀକ୍ଷା ପେ ଚର୍ଚ୍ଚା'ର ଏହି ସଂସ୍କରଣକୁ ଭାରତର ବିବିଧତା ଏବଂ ଅନ୍ତର୍ଭୁକ୍ତିର ପ୍ରକୃତ ପ୍ରତିଫଳନ ଭାବେ ବିବେଚନା କରାଯାଉଛି।

ପ୍ରଧାନମନ୍ତ୍ରୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ଅନେକଙ୍କ ଜୀବନ ପରିବର୍ତ୍ତନ କରିବାରେ ସହାୟକ ହୋଇଛି ବୋଲି ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ବିଶିଖା ବାରିକ୍ କହିଛନ୍ତି....

## - V/O -

## ମାଓବାଦୀ ଗୁଳି ବିନିମୟ

ଦେଶକୁ ୨୦୨୬ ମସିହା ମାର୍ଚ୍ଚ ମାସ ସୁଦ୍ଧା ନକ୍ସଲମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ଛତିଗଡ଼ର ବିଜାପୁରଠାରେ ପୁଲିସ୍ ଓ ମାଓବାଦୀମାନଙ୍କ ଗୁଳି ବିନିମୟରେ ୩୧ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ଏହା ନକ୍ସଲମୁକ୍ତ ଭାରତ ଗଠନ ଦିଗରେ ଏକ ବଡ଼ ପଦକ୍ଷେପ ବୋଲି ଶ୍ରୀ ଶାହା ସାମାଜିକ ଗଣମାଧ୍ୟମରେ କହିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି, ପୁଲିସ୍‌ର ଏହି ଅଭିଯାନରେ ୨ ଜଣ ଯବାନ୍ ସହିଦ୍ ହୋଇଛନ୍ତି। ଦେଶ ସର୍ବଦା ତାଙ୍କ ନିକଟରେ ଋଣୀ ହୋଇ ରହିବ। ଶ୍ରୀ ଶାହା ସହିଦ୍ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ରାଜ୍ୟପାଳ

ଛାତ୍ରଛାତ୍ରୀଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ଗଠନରେ ବିଦ୍ୟାଳୟଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ବୋଲି ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମ୍ପାଟି କହିଛନ୍ତି। **ପୁରୀ** ଜିଲ୍ଲା ବୀର ନରସିଂହପୁର ଭାର୍ଗବୀ ଉଚ୍ଚବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହରେ ଯୋଗଦେଇ ରାଜ୍ୟପାଳ ଛାତ୍ରଛାତ୍ରୀମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା ସହ ଏହାକୁ ସାକାର କରିବା ପାଇଁ ଅଧ୍ୟବସାୟ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି। ଶ୍ରୀ କମ୍ଭମପାଟି କହିଛନ୍ତି, ଶିକ୍ଷା କେବଳ ପରୀକ୍ଷାରେ ଅଧିକ ନମ୍ବର ହାସଲ ପାଇଁ ନୁହେଁ, ବରଂ ଜ୍ଞାନ ଆହରଣ, ଜିଜ୍ଞାସା ଏବଂ ଦାୟିତ୍ୱବାନ୍ ନାଗରିକ ହେବାକୁ ପ୍ରେରଣା ଦେଇଥାଏ।  ଏହି ପରିପ୍ରେକ୍ଷୀରେ

ରାଜ୍ୟପାଳ ଭାର୍ଗବୀ ସୌରଭ ସ୍ମରଣିକାକୁ ଉନ୍ମୋଚନ କରିବା ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ମୁଖ୍ୟମନ୍ତ୍ରୀ-ଜନଶୁଣାଣି

ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆସନ୍ତାକାଲି ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଶୁଣାଣିକୁ ବନ୍ଦ ରଖାଯାଇଛି । ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

ରାଜ୍ୟରେ କର୍କଟ ରୋଗର ଉନ୍ନତ ଚିକିତ୍ସା ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ୧୧ଟି କର୍କଟ ସେବା କେନ୍ଦ୍ର ପ୍ରତିଷ୍ଠା ହେବ । ଏଥିପାଇଁ ୧ ହଜାର ୪୬ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । କେନ୍ଦୁଝର ଧରଣୀଧର ମେଡ଼ିକାଲ କଲେଜରେ ଅନୁଷ୍ଠିତ ଇଣ୍ଡିଆନ୍ ମେଡ଼ିକାଲ ଆସୋସିଏନ'ର ୭୪ତମ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରର ବିକାଶ ପାଇଁ ବିଶେଷ ଗୁରୁତ୍ୱ ଦେଉଛନ୍ତି । ଏଥିପାଇଁ ରାଜ୍ୟର ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ଥାପନ କରାଯିବ । ଏହାସହ ରାଜ୍ୟରେ ଖୁବ୍ ଶୀଘ୍ର ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଲାଗୁ ହେବ । ଏହି ଯୋଜନାରେ ହିତାଧିକାରୀ ଦେଶର ପ୍ରାୟ ୨୯ ହଜାର ଅନୁବନ୍ଧିତ ଚିକିତ୍ସାଳୟରେ ଚିକିତ୍ସା ସୁବିଧା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଶ୍ରୀ ମାଝୀ କହିଛନ୍ତି, କେନ୍ଦୁଝର ମେଡିକାଲ କଲେଜରେ

ଏକ ଟ୍ରମା କେୟାର ସେଣ୍ଟର ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଛି। ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଏବଂ ୨୦୪୭ ମସିହା ସୁଦ୍ଧା ଓଡ଼ିଶାକୁ ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ୍ ଭାବେ ଗଢ଼ି ତୋଳିବାର ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଇ-କେଓ୍ୱାଇସି

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ରାସନକାର୍ଡ ପାଇଁ ୩୭ ଲକ୍ଷ ୮୫ ହଜାର ୪୯୬ ଜଣ ଇ-କେଓ୍ୱାଇସି କରାଇ ନାହାନ୍ତି ବୋଲି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ଶ୍ରୀ ପାତ୍ର କହିଛନ୍ତି, ଆସନ୍ତା ୧୫ ତାରିଖରେ ଇ-କେଓ୍ୱାଇସି ଅବଧି ଶେଷ ହେବ। ସମୟସୀମା ପୂର୍ବରୁ ଇ-କେଓ୍ୱାଇସି କରାଇ ନେବାପାଇଁ ମନ୍ତ୍ରୀ ରାସନକାର୍ଡ ହିତାଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

## ଧର୍ମେନ୍ଦ୍ର ପ୍ରଧାନ-ଟିବିମୁକ୍ତ କାର୍ଯ୍ୟକ୍ରମ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରାଧାନ ଆସନ୍ତାକାଲି ଢେଙ୍କାନାଳ ମିନିଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବାକୁ ଥିବା ଟିବିମୁକ୍ତ ଓ ନିକ୍ଷୟମିତ୍ର କାର୍ଯ୍ୟକ୍ରମରେ ଯୋଗଦେବେ। କେନ୍ଦ୍ରମନ୍ତ୍ରୀଙ୍କ ସହ ଲୋକସଭା ସାଂସଦ ଓ ବିଧାୟକମାନେ ଯୋଗଦେବେ ବୋଲି ଜଣାପଡିଛି।

## ପୂର୍ତ୍ତମନ୍ତ୍ରୀଙ୍କ ସମୀକ୍ଷା

ଖୋର୍ଦ୍ଧା ଜିଲ୍ଲା ବାଣପୁରସ୍ଥିତ ମା’ ଭଗବତୀଙ୍କ ପୀଠର ସର୍ବାଙ୍ଗିନ ବିକାଶ ପାଇଁ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମୀକ୍ଷା କରିଛନ୍ତି। ବୈଠକରେ ଶ୍ରୀ ହରିଚନ୍ଦନ ମନ୍ଦିରର ଐତିହ୍ୟକୁ ସଂରକ୍ଷଣ କରିବା ସହ, ଏହାକୁ ଏକ ସାଂସ୍କୃତିକ କେନ୍ଦ୍ରରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ମନ୍ଦିରର ଚତୁପାର୍ଶ୍ୱ ଏବଂ ପାରିପାଶ୍ୱିକ ଅଂଚଳର ଉନ୍ନତି ସମ୍ପର୍କରେ ଆଲୋଚନା ହୋଇଥିଲା ।

## ମହିଳା କମିଶନ ଓଡ଼ିଶା ଗସ୍ତ

ଜାତୀୟ ମହିଳା କମିଶନ ଅଧ୍ୟକ୍ଷ ବିଜୟା ରାହତ୍‌କର ଆସନ୍ତାକାଲିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଗସ୍ତ ସମୟରେ ଶ୍ରୀମତୀ ରାହତ୍‌କର ଓଡ଼ିଶା ରାଜ୍ୟ ମହିଳା ଆୟୋଗର ପ୍ରତିଷ୍ଠା ଦିବସରେ ଯୋଗ ଦେବେ । ଏହାସହ ମାନବ ଚାଲାଣ ନିରାକରଣ, ଯୌନ ଉତ୍ପୀଡନ ବିରୋଧି ଆଇନ୍ ଓ ବାଲ୍ୟ ବିବାହ ନିରାକରଣରେ ରାଜ୍ୟର ସ୍ଥିତି ବିଷୟରେ ସମୀକ୍ଷା କରିବେ ବୋଲି ଜଣାପଡିଛି ।

## ବାରବାଟୀ ମ୍ୟାଚ୍

କଟକ ବାରବାଟୀ ଷ୍ଟାଡିୟମରେ ଆଜି ଭାରତ-ଇଂଲଣ୍ଡ ମଧ୍ୟରେ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ୍ ମୁକାବିଲା ଜାରି ରହିଛି । ତିନୋଟି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ଆଜି ଦ୍ୱିତୀୟ ମ୍ୟାଚ୍‌ରେ ବର୍ତ୍ତମାନ ଭାରତ ବ୍ୟାଟିଂ କରୁଛି । ଇଂଲଣ୍ଡ ପକ୍ଷରୁ ଦିଆଯାଇଥିବା ବିଜୟ ଲକ୍ଷ୍ୟ ୩୦୫ ରନ୍‌ର ପିଛା କରି ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୬ ଦଶମିକ ୧ ଓଭରରେ କୌଣସି ୱିକେଟ ନ ହରାଇ ୪୮ ରନ୍ ସଂଗ୍ରହ କରିଛି ।

## ପ୍ରଶିକ୍ଷଣ କର୍ମଶାଳା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲଠାରେ ଆଜି କେନ୍ଦ୍ର ଜନଗଣନା ନିର୍ଦ୍ଦେଶାଳୟ ପକ୍ଷରୁ ଜନଗଣନା ପଞ୍ଜୀକରଣ ପଦ୍ଧତି ସମ୍ପର୍କିତ ଏକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ

ଜିଲ୍ଲା ସମାଜକଲ୍ୟାଣ ଅଧିକାରୀ ଯୋଗଦେଇ ଜନଗଣନା ଓ ନମୁନା ପଞ୍ଜୀକରଣ  ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ଗଞ୍ଜାମ, ଗଜପତି ଏବଂ ପୁରୀ ଜିଲ୍ଲାର ୪୦ ଜଣ ସାମୟିକ ଗଣନାକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

## ଦକ୍ଷତା ବିକାଶ ତାଲିମ୍

**ବୌଦ୍ଧ** ଜିଲ୍ଲା ସ୍ୱତନ୍ତ୍ର ସବ୍‌ଜେଲ୍ ପରିସରରେ ଅନ୍ତେବାସୀମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ଦକ୍ଷତା ବିକାଶ ତାଲିମ୍ ପ୍ରଦାନ କରାଯାଇଛି । ଜିଲ୍ଲା ଜଜ୍, ଜିଲ୍ଲାପାଳଙ୍କ ସମେତ ବରିଷ୍ଠ ଅଧିକାରୀ ଜେଲ୍ ପରିଦର୍ଶନ କରିବା ସହ ତାଲିମ୍ କାର୍ଯ୍ୟକ୍ରମ ତଦାରଖ କରିଛନ୍ତି । ଜେଲ୍‌ରୁ ମୁକ୍ତ ହେବା ପରେ ଅନ୍ତେବାସୀମାନେ ତାଲିମର ସଦୁପଯୋଗ କରି ରୋଜଗାରକ୍ଷମ ହେବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଜିଲ୍ଲା ଜଜ୍ ପରାମର୍ଶ ଦେଇଛନ୍ତି ।

## ବାଉଁଶୁଣୀ ଲୋକମହୋତ୍ସବ

**ବୌଦ୍ଧ** ବ୍ଲକ୍ ବାଉଁଶୁଣୀ ହାଇସ୍କୁଲ ଖେଳପଡିଆରେ ଚତୁର୍ଥ ବାଉଁଶୁଣୀ ଲୋକମହୋତ୍ସବ ଉଦ୍‌ଘାଟିତ ହୋଇଛି । ମା’ ବାଉଁଶୁଣୀ ମନ୍ଦିରରୁ ମଶାଲ ଓ ସାଂସ୍କୃତିକ ଶୋଭାଯାତ୍ରା ପାରମ୍ପରିକ ରୀତିରେ ବାହାର କରାଯାଇଥିଲା । ଏହି ଉତ୍ସବରେ ପୁରୀ ସାହିଜାତ ନୃତ୍ୟ, ଆଦିବାସୀ ନୃତ୍ୟ, ବାଡିଖେଳ, ଝାଲିଆ ଶବର ପତର ସଉରା ଆଦି ଲୋକନୃତ୍ୟ ଦଳ ସାମିଲ ହୋଇଥିଲେ । ଉତ୍ସବରେ କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ଯୋଗଦେଇଥିଲେ ।

## ସଚେତନତା ଶିବିର

ଢେଙ୍କାନାଳ ଜିଲ୍ଲା ବଳଦିଆବନ୍ଧଠାରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ମା' ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମା' ଓ ଶିଶୁଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଓ ଚିକିତ୍ସା ସମ୍ପର୍କରେ ଆଲୋଚନା ହୋଇଥିଲା।

## ଗ୍ରାମୀଣ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଗ୍ରାମୀଣ ସ୍ତରର କ୍ରୀଡ଼ା ପ୍ରତିଭାଙ୍କୁ ଜାତୀୟସ୍ତରରେ ସାମିଲ କରିବା ପାଇଁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ଖେଳ ସମାରୋହର ଆଜି ହେଉଛି ଦ୍ୱିତୀୟ ଦିନ। ଏକଲ ସ୍କୁଲ ଅଭିଯାନରେ ଚଳିତ ବର୍ଷ ପ୍ରଥମଥର ପାଇଁ ଓଡ଼ିଶାରେ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏଥିରେ ୨୮ଟି ରାଜ୍ୟର ୧ ହଜାର ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ସମେତ ଉତ୍ତରାଖଣ୍ଡ, ଆନ୍ଧ୍ରପ୍ରଦେଶ, ହରିୟାଣା, ବିହାର, ମହାରାଷ୍ଟ୍ର, ଆସାମ ଆଦି ରାଜ୍ୟରୁ ଖେଳାଳିମାନେ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଆସନ୍ତାକାଲି ଉଦଯାପନୀ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟସୂଚୀ ରହିଛି।

## ଜାତୀୟ କ୍ରୀଡ଼ା ପ୍ରତିଯୋଗିତା

ଉତ୍ତରାଖଣ୍ଡ ଡେରାଡୁନଠାରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶାର ଅନିମେଶ କୁଜୁରୁ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଆଥଲେଟିକ୍ ବର୍ଗର ୧୦୦ମିଟର ଦୌଡ଼ ପ୍ରତିଯୋଗିତାରେ ଶ୍ରୀ କୁଜୁରୁ ଏହି ସଫଳତା ପାଇବା ସହ ଦୂରତ୍ୱକୁ ୧୦ ଦଶମିକ ୨/୮ ସେକେଣ୍ଡରେ ସମାପ୍ତ କରଥିଲେ। ସେହିଭଳି ମହିଳା ଲନ୍ ବୋଲ୍ସ୍ ଦଳ

ରୌପ୍ୟ ପଦକ ହାସଲ କରିଛି । ଏହାସହ ଓଡ଼ିଶା ୬ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଏବଂ ୧୧ଟି କାଂସ୍ୟ ପଦକ ଜିତି ମୋଟ୍ ୨୬ଟି ପଦକ ହାସଲ କରିଛି ।

## ପାଣିପାଗ

ରାଜ୍ୟରେ ଥଣ୍ଡା ସାମାନ୍ୟ ବୃଦ୍ଧି ପାଇବା ସହ ତାପମାତ୍ରା ହ୍ରାସ ପାଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆଜି ୩୧ଟି ସହରର ତାପମାତ୍ରା ୩୦ ଡିଗ୍ରୀ ସେଲସିୟସ୍ ଉପରେ ରେକର୍ଡ କରାଯାଇଛି । ଝାରସୁଗୁଡ଼ା ଓ ମାଲକାନଗିରାରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି ।

ଆସନ୍ତାକାଲିଠାରୁ ରାତି ତାପମାତ୍ରା ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଦୁଇଦିନ ପର୍ଯ୍ୟନ୍ତ କୁହୁଡ଼ିର ପ୍ରଭାବ ପରିଲକ୍ଷିତ ହେବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡ଼ି ହେବା ନେଇ କୋରାପୁଟ, ନବରଙ୍ଗପୁର, ଗଜପତି ଓ ଗଞ୍ଜାମ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।